Akashvani, Sambalpur

SAMBALPURI NEWS EVENING BULLETIN

4 November 2026-7.02- 7.12 pm.

୧- ଅଗ୍ନିବୀର୍ ମାନ୍‌କୁ ସେନାବାହିନୀଥି ସାମିଲ୍ କର୍‌ବାର୍‌କେ କେନ୍ଦ୍ର କେବିନେଟ୍‌ର ନିଷ୍ପତି ।

- ଦୁଷ୍କର୍ମ ଆଉ ପୋକ୍‌ସୋ ମାମ୍‌ଲାର୍ ତୁର୍‌ତି ବିଚାର୍ ଲାଗି ହେଇଥିବା ଫାଷ୍ଟଟ୍ରାକ୍ ସ୍ପେଶାଲ୍ କୋର୍ଟ ଯୋଜ୍‌ନା ବଢ଼୍‌ଲା ଆଉ ୫ ବଛର୍ ।

୨- ବେସର୍‌କାରୀ ଅନୁଦାନ୍ ପ୍ରାପ୍ତ କଲେଜ୍ ଅଧ୍ୟକ୍ଷ ମାନ୍‌କୁ ପୋଷ୍ଟିଂ ଆଉ ଜାଗା ଅନ୍‌ସାରେ ମାସ୍‌କିଆ ପ୍ରୋତ୍ସାହନ୍ ଦେବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ଘୋଷ୍‌ନା ।

୩- କୋଟିଆ ନ ଆନ୍ଧ୍ରପ୍ରଦେଶ୍‌ର ନିର୍ବାଚନ୍ ଉଦ୍ୟମ୍‌କେ ବିଫଲ୍ କର୍‌ବାର୍‌କେ ସର୍‌କାର୍ ଚେଷ୍ଟା ଚଲେଇଛନ୍- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍ରେ ୧୯ ଟା ଜିଲ୍ଲା ନ ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ର ସତର୍କ ସୂଚ୍ନା ।

କେନ୍ଦ୍ର କେବିନେଟ୍ ପି.ଆଇ.ବି.

ଅଗ୍ନିବୀର୍ ମାନ୍କୁ ସେନାବାହିନୀଥି ସାମିଲ୍ କର୍ବାର୍କେ କେନ୍ଦ୍ର ସର୍କାର୍ ନିଷ୍ପତି ନେଇଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍ର ନିଷ୍ପତି ଅନ୍ସାରେ ମେଧା ଭିତିଥି ୨୫ ପ୍ରତିଶତ୍ ଅଗ୍ନିବୀରଙ୍କୁ ପ୍ରତିରକ୍ଷା ବାହିନୀଥି ନିୟମିତ୍ ନିଯୁକ୍ତି କରାଯିବା । ବାକି ୭୫ ପ୍ରତିଶତ୍ ଅଗ୍ନିବୀରଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଲୟର୍ ସୁପାରିଶ୍ ଅନ୍ସାରେ ଆଉ ୨ ବଛର୍ କାର୍ଯ୍ୟକାଳ ବଢ଼ାବାର୍କେ କେବିନେଟ୍ ନିଷ୍ପତି ନେଇଛେ । ୨ ବଛର୍ ସମିଆ ଶେଷ୍ ହେଲା ଉତ୍ରୁ ଇଚ୍ଛୁକ୍ ଅଗ୍ନିବୀର ମାନେ ଧାରିଜ୍ ମାନଦଣ୍ଡ ପୂରଣ୍ କଲେ ସେମାନ୍କୁ ଭିଲ୍ ସେନାବାହିନୀଥି ନିୟମିତ୍ ଭାବେ ନିଯୁକ୍ତି ଦିଆଯିବା ବଲି କେବିନେଟ୍ ବୈଠକ୍ ବାବ୍ଦେ ସୂଚ୍ନା ଦେଇକରି କେନ୍ଦ୍ର ସୂଚନା

ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଦୁଷ୍କର୍ମ ଆଉ ପୋକ୍ସୋ ମାମ୍ଲାର୍ ତୁର୍ତି ବିଚାର୍ ଲାଗି ଫାଷ୍ଟଟ୍ରାକ୍ ସ୍ପେଶାଲ୍ କୋର୍ଟ ଯୋଜ୍ନାକେ ଆଉ ୫ ବଛର୍ ବଢ଼ାବାର୍ ଲାଗି କେବିନେଟ୍ ମଞ୍ଜୁର୍ କରିଛେ । ଇ ବଛର୍ ଏପ୍ରିଲ୍ ୧ ତାରିଖ୍ନୁ ୨୦୩୧ ମସିହା ମାର୍ଚ୍ଚ ୩୧ ତାରିଖ୍ତକ୍ ଯୋଜ୍ନା କାର୍ଯ୍ୟକାରୀ ହେବ। । ଇଥିର୍ଲାଗି ୩ ହଜାର୍ ୭ ଶହ ୮୮ କୋଟିନୁ ଅଏତ୍କା ଟଙ୍କା ନିର୍ଭୟା ପାଣ୍ଠିନୁ ଯୁଗେଇ ଦିଆଯିବ। ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ସେନ୍ତା ଗ୍ରୀଡ୍- ସ୍କେଲ୍ ଶକ୍ତି ସଂରକ୍ଷଣ୍ ବ୍ୟବସ୍ଥା ଲାଗି ୧୪ ହଜାର୍ ୫ ଶହ କୋଟି ଟଙ୍କାର୍ ଭିୟାବିଲିଟି ଗେପ୍ ଫଣ୍ଡିଂ ଯୋଜ୍ନାକେ କେବିନେଟ୍ର ମଞ୍ଜୁରୀ ମିଲିଛେ । ୨୦୨୬ -୨୭ ନୁ ୨୦୩୦-୩୧ ଆର୍ଥିକ୍ ବଛ୍ରେ ଦେଶେ ୯୨ ଗିଗାୱାଟ୍ ଆୱାର୍ ନୂଆଁ ଶକ୍ତି ସଂରକ୍ଷଣ୍ କ୍ଷମତାର୍ ବିକାଶ୍ ଲକ୍ଷ୍ୟ ରହିଛେ । ଗୁରୁତ୍ୱପୂର୍ଣ୍ଣ ଖଣିଜ ଦରବ୍ର ପ୍ରକ୍ରିୟାକରଣ୍କେ ତହଁକାବାର୍ ଲାଗି ପେକେଜ୍ ସାହାଜ୍ ଯୋଜ୍ନାକେ ଭିଲ୍ କେବିନେଟ୍ର ଅନୁମୋଦନ୍ ମିଲିଛେ । ଆଏବା ୫ ବଛର୍ ଭିତ୍ରେ

ଇଥିରଲାଗି ୨ ହଜାର ୮ ଶହ ୧୪ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ଅଧକ୍ଷ -ପ୍ରୋତ୍ସାହନ ଏକ୍ସ

ବେସରକାରୀ ଅନୁଦାନ୍ ପ୍ରାପ୍ତ କଲେଜ୍ ଅଧକ୍ଷ ମାନ୍କୁ ପୋଷ୍ଟିଂ ଆଉ ଜାଗା ଅନୁସାରେ ୫ ନୁ ୧୦ ହଜାର୍ ଟଙ୍କାତକ୍ ମାସ୍କିଆ ପ୍ରୋତ୍ସାହନ୍ ଯୁଗେଇ ଦେବାର୍କେ ଆଏଜ୍ ରାଜ୍ୟ ସରକାର୍ ଘୋଷ୍ନା କରିଛନ୍ । ସରକାର୍ଙ୍କର୍ ଘୋଷ୍ନା ଅନୁସାରେ କଲେଜ୍ ଅଧକ୍ଷ ମାନେ ନିଜର୍ ଜିଲ୍ଲା କି ଉନ୍ନତ୍ ସହରୀ ଇଲାକା ନ ନିଯୁକ୍ତ ହେଲେ ୫ ହଜାର୍ ଟଙ୍କାତକ୍ ସାହାଜ୍ ଯୁଗେଇ ଦେବା । ସେନ୍ତା ନିଜର୍ ଜିଲ୍ଲା ବାହାର୍କେ ଗଲେ ମାସ୍କ ୭ ହଜାର୍, ନିଜର୍ ଜିଲ୍ଲା କି ଘର୍ଠାନୁ ୩ ଶହ କିଲୋମିଟର୍ ଦୂରେ ପୋଷ୍ଟିଂ ହେଲେ ୯ ହଜାର୍ ଟଙ୍କା ଆଉ ଦୂରିଆ ଦୁର୍ଗମ୍ ଇଲାକା ନ ନିଯୁକ୍ତି ପାଏଗେ ୧୦ ହଜାର୍ ଟଙ୍କାତକ୍ ସାହାଜ୍ ଯୁଗେଇ ଦିଆଯିବା । ସରକାର୍ଙ୍କର୍ ଇ ନିଷ୍ପତିଥି ୬ ଶହ ୪୧ ଟା ମହାବିଦ୍ୟାଲୟର୍ ଭାରପ୍ରାପ୍ତ ଅଧକ୍ଷ

ଉପକୃତ ହେବେ । ଇଥିରଲାଗି ରାଜ୍ୟ ସରକାର ବଛରକ ପାଖାପାଖି ୬ କୋଟି ଟଙ୍କା ଖର୍ଚ୍ଚା କରିବେ ବଲି ଶିକ୍ଷା ବିଭାଗ ତରଫୁ ସୂଚନା ଦିଆଯାଇଛେ ।

କୋଟିଆ ନିର୍ବାଚନ ବିବାଦ ଏକ୍ସ

କୋରାପୁଟ ଜିଲ୍ଲା କୋଟିଆ ପଂଚାୟତ ନ ଆନ୍ଧ୍ରର ନିର୍ବାଚନ ଚେଷ୍ଟାକେ ବିଫଲ କରିବାର ଲାଗି ସରକାର ଉଦ୍ୟମ ଜାରି ରଖିଛନ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ । ସୁପ୍ରିମକୋର୍ଟଙ୍କର ରହିତାଦେଶକେ ଅବମାନନା କରିକରି ଆନ୍ଧ୍ରର ଅଧିକାରୀମାନେ ବଳପୂର୍ବକ ଭାବେ କୋଟିଆର ଲୁକକୁ ଲୋଭ ଦେଖେଇକରି ପ୍ରଭାବିତ କରୁଛନ । ସେମାନକର ଇ ଚେଷ୍ଟାକେ ବନ୍ଦ କରିବାର୍କେ ରାଜ୍ୟ ସରକାର ଆଘୋନୁ ୭ ପ୍ଲାଟୁନ ପୁଲିସ ଫୋର୍ସ ପଠେଇଥିଲେ । ଏଛନି ଆହୁରି ୮ ପ୍ଲାଟୁନ ସୁରକ୍ଷା ବାହିନୀ ପଠାଯାଇଛେ । ଘଟନାକେ କେନ୍ଦ୍ର ସରକାରଙ୍କର ନଜରକେ ଆନିକରି ଆନ୍ଧ୍ରପ୍ରଦେଶ ସାଙ୍ଗେ ଇ ବାବଦେ ଆଲୋଚନା କରିବାର୍କେ ଦାବି କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

କୋଟିଆକେ ଓଡ଼ିଶାର୍ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରଖିବାର୍ ଲାଗି ସବୁ ଦଲର୍ ନେତୃବୃନ୍ଦ ଏକାସାଙ୍ଗେ କାମ୍ କରୁଛନ୍ । ଇତାର୍‌ସହେତେ ଅଲ୍‌ଗା ଯେନ୍ ଜାଗା ନ ସୀମା ବିବାଦ୍ ଲାଗି ରହିଛେ, ସେ ଇଲାକାର୍ ଉପ୍‌ରେ ସର୍‌କାର୍ ନଜର୍ ରଖିଛନ୍ ବଲି ଶ୍ରୀ ପୂଜାରୀ କହିଛନ୍ ।

ମହକ୍-୨୦୨୬ ଉଦ୍‌ଯାପିତ ଆଇ.ଆଣ୍ଡ୍.ପି.ଆର୍

ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ଆଉ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ତର୍‌ଫୁ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ରାଜ୍ୟସ୍ତରୀୟ ସାଂସ୍କୃତିକ୍ ଶିଶୁ ମହୋତ୍ସବ୍- ମହକ୍-୨୦୨୬ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ ଛୁଆମାନ୍‌କର୍ ଭିତ୍‌ରେ ବହୁତ୍‌ଟେ ପ୍ରତିଯୋଗିତା କରାଯାଇକରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ୍ କରାଯାଇଛେ । ପ୍ରତିଯୋଗିତାଥି ସବୁନୁ ଭଲ୍ ପ୍ରଦର୍ଶନ୍ କରିକରି କନ୍ଧମାଲ୍

ଜିଲ୍ଲା ଚାମ୍ପିଅନ୍ ହେଇଥିଲା ବେଲ୍‌କେ ପୁରୀ ଜିଲ୍ଲା ୨ ନମ୍ବର୍ ଠାନେ ରହିଛେ ।

ବାତ୍ୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ବାତ୍ୟା ମୁରାସୁ ଆନ୍ଧ୍ରପ୍ରଦେଶ୍‌ର ଦକ୍ଷିଣ ଉପକୂଳ ସ୍ପର୍ଶ କର୍‌ବାର୍ ଉତ୍‌ରୁ ଆହୁରି ଦୁର୍ବଳ୍ ହେଇକରି ଗଭୀର ଅବପାତଥି ବଦ୍‌ଲିଛେ । ଇତାର୍ ପ୍ରଭାବ୍‌ଥି ଦକ୍ଷିଣ୍ ଓଡ଼ିଶାର୍ କେତେଟା ଜାଗା ନ ବର୍ଷା ଲାଗି ରହିଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ କୋରାପୁଟ୍ ଆଉ ମାଲ୍‌କାନ୍‌ଗିରି ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇତାର୍‌ସହେତେ ଅଲ୍‌ଗା ୧୭ ଟା ଜିଲ୍ଲା ନ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

କେନ୍ଦ୍ରୀୟ ଟିମ୍ ପରିଦର୍ଶନ୍ ଆଇ.ଆଣ୍ଡ୍.ପି.ଆର୍

ବାତ୍ୟା ଅର୍ଣ୍ଣବ୍ ଲାଗି ଗଞ୍ଜାମ୍ ଜିଲ୍ଲା ନ ସୃଷ୍ଟି ହେଇଥିବା ବନ୍ୟା ପରିସ୍ଥିତିର୍ ଅନୁଧାନ୍ କର୍ବାର୍ ଲାଗି ୮ ଝନିଆ ଆନ୍ତଃମନ୍ତ୍ରଣାଲୟ କେନ୍ଦ୍ରୀୟ ଟିମ୍ କ୍ଷତିଗ୍ରସ୍ତ ଇଲାକା ବୁଲି ଦେଖିଛନ୍ । ନଦୀବନ୍ଧ ଭାଙ୍ଗିଥିବା ଇଲାକା ସହେତେ ରାସ୍ତା ଆଉ ଧୁଇ ହେଇଯାଇଥିବା ପୋଲ୍କେ ସେମାନେ ବୁଲି ଦେଖିଛନ୍ । ଚାଷ୍ ଜମିନୁ ନେଇକରି ଜଲ୍ସେଚନ୍ ପ୍ରକଳ୍ପ, ସର୍କାରୀ ଆଉ ଲୁକ୍କର୍ ସମ୍ପତିର୍ ନୁକ୍ସାନ୍ର ଆକଲନ୍ କରିଛନ୍ ।

ଆଏଜ୍ ସଖାଲର୍ ୮ ବଜେ ଗୋପାଲ୍ପୁର୍ ସର୍କିଟ୍ ହାଉସ୍ ନୁ କେନ୍ଦ୍ରୀୟ ଟିମ୍ ବାହାରିକରି ପହେଲା ପୁରୁଷୋତମ୍ପୁର୍ ବ୍ଲକ୍ର ଅଚୁଲି ଗାଁ ନ ପହଁଚିକରି ନୁକ୍ସାନ୍ ହେଇଥିବା ନଦୀବନ୍ଧା, ବାଲି ଚରିଯାଇଥିବା ଚାଷ୍ ଜମି ଆଉ ଉଠାଜଲ୍ସେଚନ୍ ପ୍ରକଳ୍ପର୍ କ୍ଷୟକ୍ଷତି ଅନୁଧାନ୍ କରିଛନ୍ । ଇତାର୍ ଉତ୍ରୁ ସେମାନେ ଭିନ୍ ଭିନ୍ ଇଲାକାକେ ଯାଇକରି ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ର ରାସ୍ତା, ବିଜ୍ଲି ଖମ୍ଭା, ଉଦ୍ୟାନ୍ ଫସଲ୍ର କ୍ଷୟକ୍ଷତି ଅନୁଧାନ୍ କରିଥିଲେ ।

ଭୂସ୍ଖଲନ୍ -ସୁରକ୍ଷା ଏକ୍ସ

ସେଆଡ଼େ କନ୍ଧମାଳ୍ ଜିଲ୍ଲା ଗିଡ଼ିପାପାଲି ନ ହେଇଥିବା ଭୂସ୍ଖଲନ୍ ଉତ୍ରୁ ଭୂସ୍ଖଲନ୍ ଲାଗି ଘଟୁଥିବା ଧନ୍‌ଜୀବନ୍ ହାନୀକେ ରୁକ୍‌ବାର୍ ଲାଗି ସର୍‌କାର୍ ଗୁଟେ ନୂଆଁ ରଣନୀତି ତିଆର୍ କର୍‌ବାର୍‌କେ ଯାଉଛନ୍ । କନ୍ଧମାଳ୍ ଆଉ ଗଜପତି ଜିଲ୍ଲା ନ ଶହ ଶହ ସଂଖ୍ୟାଥି ପାହାଡ଼୍ ସଙ୍ଗେ ବହୁତ୍‌ଟେ ଭୂସ୍ଖଲନ୍ କେନ୍ଦ୍ର ରହିଛେ । ଇସବୁ ପଏଂଟ୍ ମାନ୍‌କର୍ ଯାଂଚ୍ କରାଯାଇକରି ସମିଆ ଜାନି ପାହାଡ଼୍ ଉପ୍‌ରେ ଆଉ ତଳେ ଥିବାର୍ ଲୁକ୍‌କୁ ସୁରକ୍ଷିତ୍ ଜାଗାମାନ୍‌କେ ସ୍ଥାନାନ୍ତର୍ କର୍‌ବାର୍‌କେ ଯୋଜ୍‌ନା କରାଯାଉଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ।

ବିଧାୟକ୍ ରାହସ୍‌ବିହାରୀ ବେହେରା ପରଲୋକ/କଲାହାଣ୍ଡି ସମ୍ବାଦଦାତା

ଆଘର୍ କୃଷିମନ୍ତ୍ରୀ, ସାଂସଦ୍ ଆଉ ବିଧାୟକ୍ ରାହସ୍‌ବିହାରୀ ବେହେରାଙ୍କର୍ ୮୮ ବଛର୍ ବୟେସେ ଗଲାରାତି ପରଲୋକ୍ ହେଇଯାଇଛେ । କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ନ ଥିବା ତାଙ୍କର୍ ବାସଭବନ୍ ନ ସେ ଶେଷନିଶ୍ୱାସ୍ ତ୍ୟାଗ କରିଥିଲେ । ୧୯୩୮ ମସିହା ଏପ୍ରିଲ୍ ୧୨ ତାରିଖ୍ ଜୁନାଗଡ଼୍ ବ୍ଲକ୍ ମହିଚଲା ଗାଁ ନ ଜନମ୍ ନେଇଥିବା ଶ୍ରୀ ବେହେରାଙ୍କର୍ ରାଜନୈତିକ୍ ଜୀବନ୍ ବନେ ଲମ୍ୱା ଆଉ ଉଲ୍ଲେଖନୀୟ ଥିଲା । ସ୍ୱର୍ଗତ ବେହେରା ଓଡ଼ିଶା ବିଧାନ୍‌ସଭାକେ ୨ ଥର୍ ଆଉ ଲୋକ୍‌ସଭାକେ ଥରେ ନିର୍ବାଚିତ୍ ହେଇଥିଲେ । ଆଘର୍ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ୍ ପଟ୍ଟନାୟକଙ୍କର୍ ମନ୍ତ୍ରୀମଣ୍ଡଲ୍‌ଥି କୃଷିମନ୍ତ୍ରୀ ଦାୟିତ୍ୱ ତୁଲେଇଥିଲେ । ତାଙ୍କର୍ ପରଲୋକ୍‌ଥି ଭିନ୍ ଭିନ୍ ମହଲ୍ ନ ଶୋକପ୍ରକାଶ୍ ପାଇଛେ ।

ଅଶୋକ ମହାପାତ୍ର ଶେଷକୃତ୍ୟ ଏକ୍ସ

ବିଶିଷ୍ଟ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର୍ ଡାକ୍ତର୍ ଅଶୋକ୍ କୁମାର୍ ମହାପାତ୍ରଙ୍କର୍ ଆଏଜ୍ ପୁରୀ ସ୍ୱର୍ଗଦ୍ୱାର ନ ରାଷ୍ଟ୍ରୀୟ

ମର୍ଯ୍ୟାଦା ସହେତେ ଶେଷକୃତ୍ୟ ସମ୍ପନ୍ନ ହେଇଛେ । ଇ ଅବ୍ସରେ ପୁରୀ ସାଂସଦ୍ ସମ୍ବିତ୍ ପାତ୍ର, ପୁରୀ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ୍ ଥିଲେ । ନୂଆଦିଲ୍ଲୀର୍ ଅଖିଲ୍ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍- ଏମ୍ସ୍ଥି ଚିକିତ୍ସାଧୀନ୍ ଅବସ୍ଥାଥି ଗଲା ସୋମ୍ବାର୍ ରାତି ୭୪ ବଛର୍ ବୟେସେ ଡାକ୍ତର୍ ମହାପାତ୍ରଙ୍କର ପରଲୋକ୍ ହେଇଥିଲା । ଭୁବ୍ନେଶ୍ୱର୍ ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ୍ ଆଉ ନୂଆଦିଲ୍ଲୀ ଏମ୍ସର ସ୍ୱାୟୁ ଶଲ୍ୟ ବିଭାଗ୍ର ପ୍ରାକ୍ତନ ମୁଖ୍ୟ ଭାବେ ତାଙ୍କର୍ ଅସାଧାରଣ ଦକ୍ଷତା, ଚିକିତ୍ସା ଶିକ୍ଷାର୍ ବିକାଶ୍ ଆଉ ଗବେଷଣା ପ୍ରତି ଅବଦାନ୍ ତାଙ୍କୁ ଜାତୀୟ ସ୍ତରଥି ସ୍ୱତନ୍ତ୍ର ପରିଚୟ ଦେଇଥିଲା । ୧୯୫୨ ମସିହା ଡିସେମ୍ବର୍ ୨୯ ତାରିଖ୍ଥି ପୁରୀ ଜିଲ୍ଲା ନ ଜନ୍ମଗ୍ରହଣ୍ କରିଥିବା ଡାକ୍ତର୍ ମହାପାତ୍ର କନ୍ଧମାଲ୍ ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆଙ୍କୁ ଅଲ୍ଗା କର୍ବାର୍ ଐତିହାସିକ ଅସ୍ତ୍ରୋପଚାରଥି ନେତୃତ୍ୱ ତାଙ୍କୁ ଦେଶ୍ବିଦେଶ୍ ନ ପରିଚିତ କରେଇଥିଲା ।

ମାଣ୍ଡିଆ ଦିବସ ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ତପସ୍ୱିନୀ ପେୟକ୍ଷାଲୟ ପରିସର୍ ନ ରାଜ୍ୟ ସର୍‌କାର୍‌ଙ୍କର୍ ଶ୍ରୀଅନ୍ନ ଯୋଜ୍‌ନା ଥି ଆଏଜ୍ ମାଣ୍ଡିଆ ଦିବସ୍ ପାଲନ୍ କରାଯାଇଛେ । କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଯୁବ ଉତ୍ସବ୍ କାର୍ଯ୍ୟକ୍ରମ୍ ଭିଲ୍ ହେଇଯାଇଛେ ।

ପ୍ରାକୃତିକ ଚାଷ ପଦ୍ଧତି ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଭିନ୍ ଭିନ୍ ପଂଚାୟତ୍ ନ ଆଏଜ୍ ଜାତୀୟ କୃଷି ମିଶନ୍ ପ୍ରାକୃତିକ ଚାଷ ପଦ୍ଧତିକେ ନେଇକରି ସଚେତନତା ଶିବିର୍ ମାନ୍ ହେଇଯାଇଛେ । ଇ ଅବ୍‌ସରେ କୃଷି ଅଧିକାରୀମାନେ ରାସାୟନିକ ସାର ବଦ୍‌ଲେ ପ୍ରାକୃତିକ୍ ପଦ୍ଧତିଥି ଚାଷ୍ କରିକରି କେନ୍ତାକରି ସୁସ୍ଥ ରହିପାର୍‌ବେ ସେ ବାବ୍‌ଦେ ଚାଷୀମାନ୍‌କୁ ବୁଝେଇଛନ୍ ।